# ପ୍ରେମ ବାହିନୀ



ଭଗବାନ ଶ୍ରୀ ସତ୍ୟସାଇ ବାବା

Scanned by TapScanner

## ଭକ୍ତିଟାରାର ବୀଜ

ପୂଜକ ଏବଂ ପୂଜାର ମନୋଭାବ ହିଁ ଭକ୍ତିର ବୀଜ । ପ୍ରଥମେ ପୂଜ୍ୟଙ୍କର କେତେକ ବିଶେଷ ଗୁଣଦ୍ୱାରା ପୂଜକର ମନ ଆକୃଷ୍ଟ ହୁଏ । ସେ ପୂଜ୍ୟଙ୍କର ଗୁଣଗୁଡ଼ିକ ନିଜେ ଆହରଣ କରିବାକୁ ଚେଷ୍ଟା କରେ । ସାଧନାର ପ୍ରଥମ ସୋପାନରେ ପୂଜକ ଏବଂ ପୂଜ୍ୟ ପୂରାପୂରି ଅଲଗା ଥାଆନ୍ତି, ମାତ୍ର ସାଧନାରେ ପ୍ରଗତି ସଙ୍ଗେ ସଙ୍ଗେ ଏ ବିଭେଦ ଭାବ କମି କମି ଯାଏ ଏବଂ ଶେଷରେ ସିଦ୍ଧିଲାଭ ପରେ ସେମାନଙ୍କ ମଧ୍ୟରେ ଆଉ କୌଣସି ପାର୍ଥକ୍ୟ ରହେ ନାହିଁ । ତୁମେ ଯେ କୌଣସି ଉଦ୍ଦେଶ୍ୟ ରଖି ସାଧନାରେ ପ୍ରବୃତ୍ତ ହୁଅନା କାହିଁକି, ତୁମର ଦୃଢ଼ ବିଶ୍ୱାସ ରହିବା ଆବଶ୍ୟକ ଯେ ଜୀବାତ୍ମା ହିଁ ପରମାତ୍ମା । ସାଧକ ମନରେ ଯେଉଁ ଗୋଟିଏ ମାତ୍ର ଅଭିଳାଷ ସ୍ଥାନ ପାଇବାର ଯୋଗ୍ୟ, ତାହା ହେଲା ଈଶ୍ୱର-ସାକ୍ଷାତ୍କାର । ଏହାଛଡ଼ା ଅନ୍ୟ କୌଣସି ଅଭିଳାଷ ତା' ମନରେ ସ୍ଥାନ ପାଇବା ଉଚିତ ନୁହେଁ । ସେଥିପାଇଁ କୁନ୍ତୀଦେବୀ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ, "ହେ ଜଗଦ୍‌ଗୁରୁ, ଆମକୁ ଖାଲି ଦୁଃଖ ଓ ଯନ୍ତ୍ରଣା ଦିଅ, ଆଉ ତୁମେ ଯଦି ଆମକୁ ଦର୍ଶନ ଦେବାକୁ ଚାହଁ ତେବେ ଯେଉଁ ଦର୍ଶନ ଆମକୁ ପୁନର୍ଜନ୍ମରୁ ପରିତ୍ରାଣ କରିବ, ସେଇ ଦର୍ଶନ ହିଁ ଦିଅ ।"

ଯେଉଁ ଭକ୍ତ କେବଳ ପରମପିତାଙ୍କୁ ଚାହେଁ, ସେ ଏଇପ୍ରକାର ମନୋଭାବ ପୋଷଣ କରିବା ଦରକାର । ତା'ପରେ ସମସ୍ତ ସୁଖ-ଦୁଃଖକୁ ଉପେକ୍ଷା କରି, ନିଜର ଆତ୍ମସନ୍ତୋଷ ବିଷୟରେ ଆଦୌ ବିବ୍ରତ ନ ହୋଇ ସେ ଦୃଢ଼ ବିଶ୍ୱାସର ସହ ଅତ୍ୟନ୍ତ ନିଷ୍ଠାପର ଭାବରେ ଅବିରତ ସାଧନାରେ ମଗ୍ନ ହେବ ଏବଂ ଶେଷରେ ସତ୍ୟ ଉପଲବ୍ଧି କରି ପୂର୍ଣ୍ଣ ସନ୍ତୋଷର ଅଧିକାରୀ ହେବ ।

ଏଇ ଦୃଷ୍ଟିକୋଣରୁ ଦେଖିଲେ, ଜଣେ ଜୀବନ୍ମୁକ୍ତ ଓ ଜଣେ ଭକ୍ତ ମଧ୍ୟରେ ଆଦୌ ତଫାତ୍ ନାହିଁ । କାରଣ ସେମାନେ ଅହଙ୍କାର, ପ୍ରକୃତି ଓ ତା'ର ଗୁଣତ୍ରୟୀ ଏବଂ ବର୍ଣ୍ଣାଶ୍ରମ ଧର୍ମର ଊର୍ଦ୍ଧ୍ୱରେ । ଏପରି ବ୍ୟକ୍ତିମାନଙ୍କର ହୃଦୟ କରୁଣାପୂର୍ଣ୍ଣ ଓ ଜଗତର କଲ୍ୟାଣରେ ହିଁ ଏମାନେ ଅତ୍ୟନ୍ତ ଆଗ୍ରହୀ । ସେମାନଙ୍କ ଅନ୍ତରର ବ୍ରହ୍ମାନନ୍ଦ ହିଁ ସେମାନଙ୍କୁ ଏଥିପାଇଁ ପ୍ରେରଣା ଦେଇଥାଏ । ଏପରି ଭକ୍ତର କିଛି କାମନା ନାହିଁ, କାରଣ ସମସ୍ତ କାମନା 'ମୁଁ - ମୋର' (ମମକାର) ଭାବନାରୁ ଜାତ । ଏଇ ମମକାର ଭାବକୁ ଉତ୍ପାଟନ

Scanned by TapScanner

କଲେ ଯାଇ ତୁମେ ପ୍ରକୃତ ଭକ୍ତ ହୋଇପାରିବ । ସେ ଭକ୍ତ ଅମୃତସ୍ୱରୂପ, ଅମୃତମୟ ସ୍ୱଭାବର ଅଧିକାରୀ । ଯିଏ ଅମୃତସ୍ୱରୂପ, ଆନନ୍ଦର ସୁଧାପାନ ଛଡ଼ା ଆଉ କେଉଁଥିପାଇଁ ତା'ର କ୍ଷୁଧା ନ ଥାଏ ।

Scanned by TapScanner